## ସଂକ୍ଷେପରେ

### ୫୬୩ ଗ୍ରାମ୍ ବ୍ରାଉନସୁଗାର ଜବତ

ଜଳେଶ୍ୱର,୧୮।୨(ରବିନାରାୟଣ ପାତ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପୋଲିସ ଆମ୍ବଳିଅଠା ଗ୍ରାମ ନିକଟରୁ ପଶ୍ଚିମବଙ୍ଗର ଜଣେ ଯୁବକଙ୍କଠାରୁ ୫୬୩ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାସହ ତାଙ୍କଠାରୁ ବାଇକ୍, ମୋବାଇଲ ଓ ନଗଦ ଟଙ୍କା ମଧ୍ୟ ଜବତ ହୋଇଛି। ଅଭିଯୁକ୍ତ ଜଣକ ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ କଣ୍ଟାଇ ଥାନା ଅଞ୍ଚଳର। ତଦନ୍ତରେ ବ୍ୟାଘାତ ହେବା ଆଶଙ୍କାରେ ପୋଲିସ ତାଙ୍କ ନାମ ପ୍ରକାଶ କରିନାହିଁ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୯୧/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏସ୍‌ପି ସାଗରିକା ନାଥ ଏନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶନିବାର ପଶ୍ଚିମବଙ୍ଗରୁ ଜଳେଶ୍ୱର ଥାନା ଅଞ୍ଚଳକୁ ବ୍ରାଉନ ସୁଗାର ଆସୁଥିବା ବାଲେଶ୍ୱର ପୋଲିସ ଗୋଇନ୍ଦା ସଂସ୍ଥାଠାରୁ ଖବରପାଇ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ଜାଲ ବିଛାଇଥିଲେ। ସନ୍ଧ୍ୟାରେ ଅଭିଯୁକ୍ତ ବାଇକ୍‌ରେ ଆସୁଥିବା ବେଳେ ପୋଲିସ ତାଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ତାଙ୍କଠାରୁ ବ୍ରାଉନସୁଗାର ମିଳିଥିଲା। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୫୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

### ମାରଣାସ୍ତ୍ର ଦେଖାଇ ବ୍ୟବସାୟୀଙ୍କଠାରୁ ଲୁଟ୍

ବାହାନଗା,୧୮।୨(ଅରୂପ୍ କୁମାର ଦାସ)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ମୁଖ୍ୟ ରାସ୍ତାରେ ଯୁବ ବ୍ୟବସାୟୀ ଗୌତମ ସେଠୀଙ୍କୁ ୪ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ସୁନା ଚେନ ଓ ୨୦ ହଜାର ଲୁଟି ନେଇଛନ୍ତି। ଦୁର୍ବୃତ୍ତଙ୍କ ମଧ୍ୟରୁ ସ୍ଥାନୀୟ ଲୋକେ ଜଣଙ୍କୁ କାବୁକରି ସୋର ଥାନା ପୋଲିସ ଜିମା ଦେଇଛନ୍ତି। ଶନିବାର ରାତିରେ ଗୌତମ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଲୁଟର ଶିକାର ହୋଇଥିଲେ। ଅନନ୍ତପୁର ଫାଣ୍ଡି ପୋଲିସ୍ ତଦନ୍ତ ଜାରି ରଖିଛି।

## ବାଲେଶ୍ୱର

# ‘ଖୁବ୍‌ଶୀଘ୍ର ହେବ ଲକର ବ୍ୟବସ୍ଥା’

### ବାଲେଶ୍ୱର ସମବାୟ ଅର୍ବାନ ବ୍ୟାଙ୍କର ସାଧାରଣ ସଭା

ବାଲେଶ୍ୱର,୧୮।୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡିଏମ୍ ଛକସ୍ଥିତ ବ୍ରିଟ୍ କଲ୍ୟାଣ ମଣ୍ଡପରେ ବାଲେଶ୍ୱର କୋ-ଅପରେଟିଭ ଅର୍ବାନ ବ୍ୟାଙ୍କର ୨୦୨୩-୨୪ ବର୍ଷର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଛି।

ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ସଭାରେ ସଭାପତିତ୍ୱରେ କରି ଉପସ୍ଥିତ ବ୍ୟାଙ୍କର ସଭ୍ୟାସଭ୍ୟମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ୭୦ତମ କୋ-ଅପରେଟିଭ ସପ୍ତାହ-୨୦୨୩ରେ ରାଜ୍ୟ ସମବାୟ ମନ୍ତ୍ରୀଙ୍କଠାରୁ ଓଡ଼ିଶାରେ ୨ୟ ଶ୍ରେଷ୍ଠ ଅର୍ବାନ ବ୍ୟାଙ୍କର ସମ୍ମାନ ପତ୍ର ପାଇଥିବା ଯୋଗୁ ବ୍ୟାଙ୍କର ମର୍ଯ୍ୟାଦା ବୃଦ୍ଧି ହୋଇଛି। ପୂର୍ବବର୍ଷ ୨୦୨୨-୨୩ ବିବରଣୀର ଅନୁମୋଦନ ଆର୍ଥିକ ବର୍ଷ ୨୦୨୪-୨୫ର କର୍ମ ଯୋଜନା ଓ କର୍ମ ନିର୍ଘଣ୍ଟର ଅନୁମୋଦନ, ଆର୍ଥିକ ବର୍ଷ


କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟାଙ୍କର କର୍ମକର୍ତ୍ତା।

୨୦୨୪-୨୫ର ଆୟବ୍ୟୟର ଅଟକଳ ଏବଂ ଅତିରିକ୍ତ ବ୍ୟୟ ଅଟକଳ ୨୦୨୩-୨୪ର ଅନୁମୋଦନ, ୨୦୨୨-୨୩ର ନେଟ୍ ଲାଭର ବଣ୍ଟନର ଅନୁମୋଦନ ସମ୍ପର୍କରେ ସଭାପତି କର ସୂଚନା ଦେଇଥିଲେ। ଏଥିସହିତ ଓଡ଼ିଶାର ଏକମାତ୍ର ଏହି ଅର୍ବାନ ବ୍ୟାଙ୍କ ସମସ୍ତ ଅଂଶୀଦାରମାନଙ୍କୁ ୯% ସୁଧହାର ପ୍ରଦାନ କରିବାରେ ସକ୍ଷମ ହୋଇଛି। ବ୍ୟାଙ୍କର କ୍ୟୁଆର୍ କୋଡ୍‌ର ପ୍ରଚଳନ ଫଳରେ ବହୁ ଗ୍ରାହକ ଉପକୃତ ହେଉଛନ୍ତି। ଆସନ୍ତା ମାର୍ଚ୍ଚ ୨୦୨୪ ସୁଦ୍ଧା ବହୁ ପ୍ରତିକ୍ଷିତ ‘ଲକର ବ୍ୟବସ୍ଥା’ର ଶୁଭାରମ୍ଭ ହେବ। ଏହି ବ୍ୟାଙ୍କର ସଫଳ କାର୍ଯ୍ୟକାରିତା ଏବଂ ଦୃଢ଼ ସମୃଦ୍ଧି ପାଇଁ ବ୍ୟାଙ୍କର ପ୍ରତ୍ୟେକ କର୍ମଚାରୀ, ଦୈନିକ ଜମା ସଂଗ୍ରହକାରୀ, ସର୍ବୋପରି ବ୍ୟାଙ୍କକୁ ସବୁ ପ୍ରକାର ଉପଦେଶ, ସାହାଯ୍ୟ ଓ ସହଯୋଗ ପାଇଁ ରାଜ୍ୟ ସରକାର, ଭାରତୀୟ ଆର୍‌ବିଆଇ, ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଜିଲାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ବ୍ୟାଙ୍କ ପରିଚାଳନା ପରିଷଦର ସଦସ୍ୟ ସୁସ୍ମିତା ନାୟକ, ମନୋଜ କୁମାର ନାୟକ, ଦୁକୁଳ ଚନ୍ଦ୍ର ଘରାଇ, ହରେନ ଚନ୍ଦ୍ର ରଣା, ଦୁରମାତୁନ ବିବି, ଅତୁଲ କୁମାର ଶତପଥୀ, ରଶ୍ମି ଦାସ, ଉତ୍ପଳ ମହାନ୍ତି, ଜୟ ପ୍ରକାଶ ଦାଶ, ଲୋକନାଥ ରଣା, ଶ୍ରୀମନ୍ତ ମାଝି ମଞ୍ଚାସୀନ ଥିଲେ। ସଭ୍ୟାସଭ୍ୟଙ୍କର ପ୍ରତ୍ୟକ୍ଷ ପରାମର୍ଶ, ମତାମତ ଏବଂ ପ୍ରଶ୍ନର ଉତ୍ତର ସଭାପତି, ପରିଚାଳନା ପରିଷଦର ସଦସ୍ୟ ଏବଂ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ କାନ୍ତ ବେହୁରା ଦେଇଥିଲେ। ବ୍ୟାଙ୍କର ଉପ-ସଭାପତି ନିଶାମଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କୁମ୍ଭାରିରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କାଳିପଦା,୧୮।୨(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅନ୍ତର୍ଗତ କୁମ୍ଭାରି ପଞ୍ଚାୟତ ଅଫିସ୍ ପ୍ରାଙ୍ଗଣରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟ ଅତିଥି, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଗିରି, ପୂର୍ବତନ ଜିଲା ପରିଷଦ ସଦସ୍ୟ ହରଗୋପାଳ ସିଂ, ମଧୁପୁର ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କୁମ୍ଭାରି ସରପଞ୍ଚ ପଙ୍କଜିନୀ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ସଚେତନତା ଶିବିରରେ ସଭାପତିତ୍ୱ କରିଥିଲେ। ଯୁବନେତା ଜୟନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଯୁବଗୋଷ୍ଠୀ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ସାରଡାଙ୍ଗ କ୍ରିକେଟ ଟୁର୍ନାମେଣ୍ଟ

# ବାଉଁଶଗଡ଼ିଆ ଚାମ୍ପିୟନ

ଖଇରା,୧୮।୨(ଉତ୍କଳବନ୍ଧୁ ପଣ୍ଡା)

ଜଗନ୍ନାଥ ସେବା ସଂଗଠନ ଆନୁକୁଲ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଖଇରା ବ୍ଲକ ସାରଡାଙ୍ଗ ଖେଳପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ନେତାଜୀ ୟୁଥ କ୍ଲବ ବେଗୁନିଆକୁ ହରାଇ ଜଗା ଏକାଦଶ ବାଉଁଶଗଡିଆ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବାଉଁଶଗଡିଆ ଦଳର ଅଭିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଉପ ବିଜେତା ବେଗୁନିଆ ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ଏବଂ ଚାମ୍ପିୟନ ବାଉଁଶଗଡିଆ ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ଖେଳକୁ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର ଅପ୍ ଟିମ୍‌ର ଖେଳାଳିମାନେ।

ମାନସ କୁମାର ପ୍ରଧାନ,ଜ୍ୟୋତି କର ଏବଂ ବିକ୍ରମ ବେହେରା ଅମ୍ପେୟାର ଭାବେ ପରିଚାଳନା କରିଥିଲେ। ସେବା ସଂଗଠନର ମୁଖ୍ୟ ଅନିରୁଦ୍ଧ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସଭ୍ୟ ଶଶିକାନ୍ତ ପତି, ସନ୍ତୋଷ କୁମାର ପଣ୍ଡା,ଜୟକୃଷ୍ଣ ନାୟକ, ଦୁର୍ଯ୍ୟୋଧନ ନାୟକ, ବିହାରି ମାଝି, ଜୟକୃଷ୍ଣ ଘଡ଼େଇ, ଭଗବାନ ପଣ୍ଡା, ଚଗଲା ରାମ, ଶେଖ ହୁସେନ , ବୈକୁଣ୍ଠ ଦାସ, ରଞ୍ଜନ କୁମାର ନାୟକ, ନିରଞ୍ଜନ ସେଠୀ, ମୁରଲୀ ବାରିକ, ଉମାକାନ୍ତ ରାଉଳ, ପ୍ରକାଶ, ପର୍ଶୁ, ରଞ୍ଜନ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ନୀଳଗିରି,୧୮।୨(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଅଲ୍ ସିଜିନ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ରତ୍ନାକର ଟାଉନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ୪ ରାଜ୍ୟର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି। କ୍ଲବର ସଦସ୍ୟ ନିଗମ ମହାପାତ୍ର, ମନୋରଞ୍ଜନ ବେହେରା, କଳମଲୋଚନ ମିଶ୍ର, ଚିନ୍ମୟ ମହାପାତ୍ର, ରୋହନ ବେହେରା, ଜ୍ୟୋତିପ୍ରକାଶ ଦାସ, ବିକାଶ ମିଶ୍ର, ଉମ୍ବରୁଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରାଭେଲର-ଡମ୍ଫର ଧକ୍କା, ୧୭ ଆହତ

ସୋର,୧୮।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ବିଦୁ ନିକଟରେ ଏକ ଟ୍ରାଭେଲର ଓ ଡମ୍ଫର ମୁହାଁମୁହିଁ ଧକ୍କା ହେବାରୁ ୧୭ଜଣ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତେ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡି୦୨ବିସି-୪୮୭୭ନଂ. ବିଶିଷ୍ଟ ଏକ ଟ୍ରାଭେଲରରେ ୧୨ ଜଣ ଝିଅ ଓ ୪ ଜଣ ପୁରୁଷ କଳାକାର ଯାଉଥିବା ବେଳେ ବିଦୁ ନିକଟରେ ବିପରୀତ ଦିଗରୁ ଆସୁଥିବା ଓଡି୦୧ଏ- ୨୬୩୦ ନମ୍ବର ବିଶିଷ୍ଟ ଡମ୍ଫର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରାଭେଲରରେ ଥିବା ୧୬ କଳାକାରଙ୍କ ସମେତ ଗାଡ଼ି ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର



ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚାଳକଙ୍କ ସମେତ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତ କଳାକାରମାନେ ହେଲେ ସଞ୍ଜୀବ ରାଉତ, ମଧୁସ୍ମିତା ପଶାୟତ, ଯାଗନା ପଟ୍ଟନାୟକ, ତନ୍ମୟ ରଥ, ପଲ୍ଲବୀ ମହାକୁଡ଼, ମିନୁ ଭୋଇ, ଆକାଂକ୍ଷା ବୁଇଦୀ, ନିରଞ୍ଜନ ବଳିୟାରସିଂ, ବନ୍ଦିତା ଦାସ, ସିଭିୟାନ ନନ୍ଦ, କୁମୁଦିନୀ ପୁଟି, ବବିତା ଶବର, ମଶମ ସାହୁ, ତୃସ୍ୟା ମିଶ୍ର, ସୋନାଲି ପାତ୍ର , ୱାଜିଦ ଏବଂ ଟ୍ରାଭେଲର ଚାଳକ ସୂର୍ଯ୍ୟକାନ୍ତ ସ୍ୱାଇଁ। ସୋର ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ମୟୂରଭଞ୍ଜ

### ସ୍ତ୍ରୀଙ୍କୁ ଆକ୍ରମଣ ସହ ହତ୍ୟା ଧମକ, ସ୍ୱାମୀ ଗିରଫ

କୁଳିଅଣା, ୧୮।୨ (ଆଦିକନ୍ଦ ସାହୁ)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଅଦାରୀ ଗ୍ରାମର ବାଘରାୟ ମୁର୍ମୁ ସ୍ତ୍ରୀଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ଏନେଇ ତାଙ୍କ ସ୍ତ୍ରୀ ଗୁନଟୁନି ମୁର୍ମୁଙ୍କ ଅଭିଯୋଗକ୍ରମେ କୁଳିଅଣା ଥାନାରେ ମାମଲା (ନଂ.୪୧/୨୪) ରୁଜୁ ହୋଇଛି। ଗୁନଟୁନି ଏତଲାରେ ଦର୍ଶାଇଛନ୍ତି ଯେ, ଗତ ୧୧ ତାରିଖ ସନ୍ଧ୍ୟାରେ କାରଣ ନ ଥାଇ ବାଘରାୟ ଏକ ଠେଙ୍ଗାରେ ତାଙ୍କୁ ପିଟିବା ସହ ଗୋଇଠା ମାରି ଚୁଟିକୁ ଘୋଷାଡ଼ି ନେଇ ଘରୁ ବାହାର କରି ଦେଇଥିଲେ। ଏପରିକି ଛୁରୀ ଆଣି ଭୁଷି ଦେବାକୁ ଧମକ ଦେବା ସହ ଧନୁ ତୀର ୟୁଖିବାରୁ ସେ ଜୀବନ ବିକଳରେ କକା ଶ୍ୱଶୁରଙ୍କ ପୁଅଙ୍କ ଘରେ ଆଶ୍ରୟ ନେଇଥିଲେ। ୧୨ ତାରିଖରେ ଗ୍ରାମସଭାରେ ଆଉ ମାରିବେ ନାହିଁ ବୋଲି ବାଘରାୟ କହିଥିଲେ। ହେଲେ କୁଳିଅଣା ଥାନାରେ ପୂର୍ବରୁ ଏଭଳି ଘଟଣା ନେଇ ଥିବା ଲିଖିତ ପତ୍ରକୁ ସେ ଚିରି ଫିଙ୍ଗି ଦେଇଥିଲେ। ତାଙ୍କ ଜୀବନ ପ୍ରତି ବିପଦ ଥିବା ଗୁନଟୁନି ଏତଲାରେ ଉଲ୍ଲେଖ କରିଛନ୍ତି।

### ବାଲି ବୋଝେଇ ୫ ଟ୍ରାକ୍ଟର ଜବତ

ବେତନଟୀ,୧୮।୨(ଧରଣୀଧର ମହାନ୍ତି): ବେତନଟୀ ଥାନା ପୋଲିସ ଉରାଚାନ୍ଦାବିଲା ନିକଟରୁ ୫ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରିପଦା ନିକଟସ୍ଥ ମହୁଲିଆ ଗ୍ରାମର ସାନ ସିଂ, ସୁରେହିଡ଼ିହି ଗ୍ରାମର ସଞ୍ଜୟ ସିଂ ଓ ଖୁଣ୍ଟା ଥାନା ଅଧୀନ ଗୟାଲ ମାରା ଗ୍ରାମର ରାମଚନ୍ଦ୍ର କିସ୍କୁ। ଏନେଇ ଥାନାରେ ଏକ ମାମଲା(ନଂ. ୬୫/୨୪) ରୁଜୁ ହୋଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି ଓ ଗିରଫ ଅଭିଯୁକ୍ତ ୩ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ୩ୟ ପର୍ଯ୍ୟାୟରେ ୨.୩୫ କୋଟି ଅନୁଦାନ

ବାରିପଦା,୧୮।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦକୁ ବିଭିନ୍ନ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନୁଦାନ ପ୍ରଦାନ କରାଯାଇଛି। ୩ୟ ପର୍ଯ୍ୟାୟରେ ୨ କୋଟି ୩୫ ଲକ୍ଷ ଟଙ୍କା ଅନୁଦାନରେ ନୂତନ ଓ ପୁରାତନ ପ୍ରକଳ୍ପ ଅନୁମୋଦନ କରାଯାଇଛି ବୋଲି ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତିନୋଟି ପର୍ଯ୍ୟାୟକୁ ମିଶାଇ ମୋଟ ୫ କୋଟି ୯୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ବାରିପଦା ପୌର ପରିଷଦକୁ ଦିଆଯାଇଥିବା ଅନୁଦାନ ରାଶି ଭାବେ ଏହା ରାଜ୍ୟର ପ୍ରଥମ ବୋଲି ପ୍ରକାଶ କରିବା ସହ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ବାରିପଦା ମ୍ୟୁନିସିପାଲିଟିରେ ଥିବା ମଠ, ମନ୍ଦିର, ଖେଳପଡ଼ିଆ, ପୋଖରୀ ଉନ୍ନତୀକରଣ ଆଦି ପ୍ରଥମ ପର୍ଯ୍ୟାୟରେ ୧ କୋଟି ୧୭ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟରେ ୨ କୋଟି ୩୯ ଲକ୍ଷ ଓ ତୃତୀୟ ପର୍ଯ୍ୟାୟରେ ୨କୋଟି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତୃତୀୟ ପର୍ଯ୍ୟାୟରେ ମୁର୍ଗାବାଡ଼ିସ୍ଥିତ ରାଧାକୃଷ୍ଣ ମନ୍ଦିର ଉନ୍ନତୀକରଣ ନିମନ୍ତେ ୫ ଲକ୍ଷ, କରତବସା ୱାର୍ଡ ନଂ.୨୮ରେ ଥିବା ଗ୍ରାମଦେବୀ ପୀଠର ଉନ୍ନତୀକରଣ ପାଇଁ ୫ ଲକ୍ଷ, ବିଜୟ ପୂର୍ଣ୍ଣଚନ୍ଦ୍ରପୁରସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ନିମନ୍ତେ ୧୦ ଲକ୍ଷ, ତୁଳସୀ ଚଉରା ଭାଗବତ ଟୁଙ୍ଗୀ ନିମନ୍ତେ ୩ ଲକ୍ଷ, ଗଣେଶ ମନ୍ଦିର ପାଇଁ ୫ ଲକ୍ଷ ଓ ଯମୁନାଦେଇପୁର ଶିବମନ୍ଦିର ନିମନ୍ତେ ୭ ଲକ୍ଷ ଅନୁଦାନ ଦିଆଯାଇଛି। ଓଡ଼ିଶା ଡ୍ରାଇଭର ମହାସଂଘର କମ୍ୟୁନିଟି ସେଣ୍ଟର ନିମନ୍ତେ ୧୦ ଲକ୍ଷ, ବାବା ଲୋକେଶ୍ୱର ମନ୍ଦିରକୁ ୩ ଲକ୍ଷ, ବିଜୟରାମଚନ୍ଦ୍ରପୁରସ୍ଥିତ ଫୁଲଟୁଇଁ ପୀଠକୁ ୩ଲକ୍ଷ, ଭୈରବୀ ମନ୍ଦିରକୁ ୫ଲକ୍ଷ, ସଦଗୋପ ସମାଜର କମ୍ୟୁନିଟି ସେଣ୍ଟର ପାଇଁ ୮ଲକ୍ଷ, ଟ୍ରାଫିକ ଛକସ୍ଥିତ ହନୁମାନ ମନ୍ଦିର ପାଇଁ ୩ଲକ୍ଷ, ବିହାରୀ ସମାଜର କମ୍ୟୁନିଟି ସେଣ୍ଟର ଲାଗି ୮ଲକ୍ଷ, ବାଘଡା ରୋଡ ଶନିମନ୍ଦିର ପାଇଁ ୪ ଲକ୍ଷ ଓ ମଧୁବନର ମଧୁମାଳତୀ ଗ୍ରାମ ଦେବତୀ କମ୍ୟୁନିଟୀ ସେଣ୍ଟରକୁ ୩ ଲକ୍ଷ ପ୍ରଦାନ କରାଯାଇଛି। ସେହିପରି ଭୁଗୁଡାକଟାର ଆଖଣ୍ଡଳମଣି ମନ୍ଦିରକୁ ୩ଲକ୍ଷ, ଚଚେଶ୍ୱର ଶିବ ମନ୍ଦିରକୁ ୩ଲକ୍ଷ, ଶୀତଳା ମନ୍ଦିରକୁ ୩ଲକ୍ଷ, ଡିପେଶ୍ୱର ଶିବମନ୍ଦିର ପାଇଁ ୨ଲକ୍ଷ, କୁଡୁମୀ ସମାଜର କମ୍ୟୁନିଟି ସେଣ୍ଟର ନିର୍ମାଣ ବାବଦରେ ୪୦ ଲକ୍ଷ, ଦକ୍ଷିଣ ଓ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର କମ୍ୟୁନିଟି ସେଣ୍ଟର ବାବଦରେ ୫ ଲକ୍ଷ ଲେଖାଏ, ଶିକ୍ଷକ କୋ-ଅଡିନେଶନ କମିଟିର କମ୍ୟୁନିଟି ସେଣ୍ଟର ଲାଗି ୨୫ ଲକ୍ଷ, ହୋ କମ୍ୟୁନିଟି ସେଣ୍ଟରକୁ ୨୫ ଲକ୍ଷ, ବାରିପଦା କ୍ଲବକୁ ୧୫ଲକ୍ଷ, ଲାଲ ବଜାର କ୍ଲବକୁ ୧୦ଲକ୍ଷ ଓ କାଳୀ ମନ୍ଦିରକୁ ୧୦ଲକ୍ଷ ଅନୁଦାନ ପ୍ରଦାନ କରାଯାଇଛି।

### ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ବ୍ରହ୍ମପୁର ୟୁନାଇଟେଡ୍ ଚାମ୍ପିୟନ


ଟ୍ରଫି ସହ ବିଜେତା ଦଳ।

ଉଦଳା,୧୮।୨(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ନାଗପାଳ ପଡ଼ିଆରେ ସପ୍ତମ ସତ୍ୟ ସ୍ୱରୂପ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଟକର ୟୁନିୟନ ସ୍ପୋର୍ଟିଂ ଓ ବ୍ରହ୍ମପୁର ୟୁନାଇଟେଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ୟୁନିୟନ ସ୍ପୋର୍ଟିଂ କଟକ ୧୯୯ ରନ୍ କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୪୩ ବଲରୁ ୭୦ ରନ କରିଥିଲେ। ୨୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ରହ୍ମପୁର ୟୁନାଇଟେଡ଼ ଦଳ ଶେଷ ଓଭରରେ ଦୁଇଟି ବଲ ବାକି ଥାଇ ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ରାକେଶ କୁମାର ଦାସ ମହାପାତ୍ର ୮୬ରନ କରିଥିଲେ। ଫାଇନାଲରେ ଶ୍ରେଷ୍ଠ ଖେଳାଳୀ ଭାବେ ରାକେଶ ଦାସ ମହାପାତ୍ର ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ରାଜରାମ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ଡିଜିଟାଲ ପ୍ରକାଶ ଓ ଭାଷ୍ୟକାର ଭାବେ ବୁବୁ ସେନା ଦାୟିତ୍ୱ ତୁଲାଇଥିଲେ। ରଣଜୀ ଖେଳାଳୀ ରଶ୍ମି ରଞ୍ଜନ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥିଭାବେ ଡ. ଅବିନାଶ ପାତ୍ର, ଡ. କିରଣ ଭରଦ୍ୱାଜ, ବିଶ୍ୱଜିତ୍ ନାୟକ, ମାନସ ମହାନ୍ତି, ଅମୀୟ ବଳ, ସୁରେଶ ପାତ୍ର ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ।

### ଆଦିବାସୀ ଭାଷା ପ୍ରଶିକ୍ଷକଙ୍କୁ ଶିକ୍ଷକ ମାନ୍ୟତା

୧୬ ବର୍ଷ ଆନ୍ଦୋଳନର ସମାପ୍ତି

ବାରିପଦା,୧୮।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ସାନ୍ତାଳୀ ଓ ମୁଣ୍ଡାରୀ ଭାଷା ପ୍ରଶିକ୍ଷକ ସଂଘ ପକ୍ଷରୁ ୧୬ବର୍ଷ ଧରି ଚାଲିଥିବା ଆନ୍ଦୋଳନର ସମାପ୍ତି ଘଟିଛି। ଆଦିବାସୀ ହରିଜନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଜନଜାତି ଭାଷା ପ୍ରଶିକ୍ଷକଙ୍କୁ ଶିକ୍ଷକ ଭାବେ ଗତ ୧୬ ତାରିଖରେ କ୍ୟାବିନେଟ୍ ବୈଠକରେ ମୋହର ବାଜିଛି। ଏ ନେଇ ମୟୂରଭଞ୍ଜ ଜିଲା ସାନ୍ତାଳୀ ଓ ମୁଣ୍ଡାରୀ ଭାଷା ପ୍ରଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ଆଦିବାସୀ ହରିଜନ ସଂଖ୍ୟାଲଘୁ ବିଭାଗର କମିଶନର ରୂପା ରୋଶନ ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସଂଘର ସଭାପତି ଗୁଲା ମୁର୍ମୁଙ୍କ ନେତୃତ୍ୱରେ ସ୍କୁଲ ଓ ଗଣ ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ପ୍ରାକ୍ତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସଂଘର ଉପସଭାପତି ରମାକାନ୍ତ ମାଣ୍ଡି, ସମ୍ପାଦକ ମାର୍ଶାଲ ଟୁଡୁ, ସହ ସମ୍ପାଦକ ଜିତେନ୍ଦ୍ର ମହାନ୍ତ, ସନାତନ ହେମ୍ବ୍ରମ, ନାରାୟଣ ମୁର୍ମୁ, ଗୁରୁବାରୀ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

# ଖବରକାଗଜ ବିତରକଙ୍କୁ ଶ୍ରଦ୍ଧାଞ୍ଜଳି

### ପରିବାରକୁ ସରକାରୀ ସହାୟତା ଦାବି



ସ୍ମୃତି ସଭାରେ ଉପସ୍ଥିତ ଏଜେଣ୍ଟ ଓ ଖବର କାଗଜ ବିତରକମାନେ।

ବାରିପଦା,୧୮।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରର ପ୍ରସାର ବିଭାଗ, ଏଜେଣ୍ଟ ଓ ହକର୍ ସଂଘ ପକ୍ଷରୁ ଶନିବାର ଖବରକାଗଜ ବିତରକ ସ୍ୱର୍ଗତ ଗଦାଧର ମହାକୁଡ଼ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବୀରକିଶୋର ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାରିପଦା ବସ୍‌ଷ୍ଟାଣ୍ଡରେ ଆୟୋଜିତ ସ୍ମୃତି ସଭାରେ ହକର ଓ ଏଜେଣ୍ଟମାନେ ଉପସ୍ଥିତ ରହି ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। କିଛିଦିନ ପୂର୍ବେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗଦାଧରଙ୍କର ମୃତ୍ୟୁ ଘଟିଥିଲା। ସେମାନେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଗଦାଧରଙ୍କ ପରିବାର ଗରିବ ହୋଇଥିବା ବେଳେ ବିଭିନ୍ନ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ଶୀତ କାକର, ଖରା ଓ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ସମ୍ବଳ ଅଭାବରୁ ପଲିଥିନ ତଳେ ରହୁଥିବା ବେଳେ ପକ୍କା ଘର ସ୍ୱପ୍ନ ପାଲଟିଯାଇଛି। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତାଙ୍କ ପରିବାରକୁ ସରକାରୀ ସୁବିଧା ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ହେମନ୍ତ ବେହେରା, ଶିରିଶ ଚନ୍ଦ୍ର ଭୁଜବଳ, ଗୋବର୍ଦ୍ଧନ ସାହୁ, ଯତୀନ୍ଦ୍ର ନାଥ ସାହୁ, ସପନ କୁମାର ମହାନ୍ତ, ହରିପଦ ସାହୁ, ସୀତାକାନ୍ତ ପଟ୍ଟନାୟକ, ପ୍ରଦୀପ ପ୍ରଧାନ, ବିଶ୍ୱମ୍ଭର ମହାପାତ୍ର, ଗୌତମ ସାହୁ, ଲକ୍ଷ୍ମୀଧର ପାତ୍ର, ତ୍ରିଲୋଚନ ସେନାପତି, କାହ୍ନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେସ୍ କ୍ଲବ୍ ବୈଠକ

ଗୋପବନ୍ଧୁ ନଗର,୧୮।୨(ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ପ୍ରେସ କ୍ଲବ୍ ପକ୍ଷରୁ ରବିବାର କୁଆମରାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ୍‌ର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ପ୍ରେସ୍ କ୍ଲବ ଦ୍ୱାରା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ଚଳିତ ବର୍ଷ ଅଧିକ ଚାରାରୋପଣ ଓ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା ହୋଇଥିଲା। ଏହି ଅବସରରେ କ୍ଲବ୍‌ର ଗର୍ବ ଓ ଗୌରବ ଲେଖକ ତଥା ନାଟ୍ୟକାର ମନୋରଞ୍ଜନ ଦାଶଙ୍କୁ କଳା ସାହିତ୍ୟ କ୍ଷେତ୍ରରେ ନିକଟରେ ସମ୍ମାନ ଜନକ ଡକ୍ଟରେଟ ଉପାଧି ମିଳିଥିବାରୁ ତାଙ୍କୁ ପ୍ରେସ୍ କ୍ଲବ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନ୍ୟ ଅତିଥି ଭାବେ ମାଆ ସଂଗଠନର ସଦସ୍ୟ ସୁମନ୍ତ ମହାଳିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍‌ର ସମ୍ପାଦକ ଡ. କୁମାର ବାବୁଲି, ହିରେନ ରାୟ, ଚିତ୍ତରଞ୍ଜନ ଦଳେଇ, ଦୀପକ ଚୌଧୁରୀ, ବିଶ୍ୱଜିତ ଦାଶ, ରଞ୍ଜନ ମଣ୍ଡୁଆଳ, ଯୋଗେଶ୍ୱର ସାହୁ, ସୂର୍ଯ୍ୟକାନ୍ତି ପୂହାଣ ପ୍ରମୁଖ ଯୋଗ ଦେଇଥିଲେ।

